# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 19 April - 2025

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟସ୍ତରୀୟ ପୋଷଣ ପକ୍ଷ ପାଳନ ସମାରୋହର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ; ମେଦ ବହୁଳତା ପ୍ରତି ସତର୍କ ରହିବାକୁ ଯୁବପିଢ଼ିଙ୍କୁ ଦେଲେ ଆହ୍ୱାନ
- ଭାରତ ବିଶ୍ୱସ୍ତରରେ ନବସୃଜନର ପେଣ୍ଠସ୍ଥଳୀ ସାଜିଛି; ଆଇ.ଆଇ.ଏମ୍. ସମ୍ବଲପୁର ସମାବର୍ତ୍ତନ ଉତ୍ସବରେ କହିଲେ ଡକ୍ଟର ପ୍ରମୋଦ କୁମାର ମିଶ୍ର
- ଏନ୍.ଟି.ଏ ଦ୍ୱାରା ପରିଚାଳିତ ଜେ.ଇ.ଇ ମେନ୍ ସେସନ୍-୨ ପରୀକ୍ଷା ଫଳ ପ୍ରକାଶିତ

ଏବଂ

- 'ଖାଦ୍ୟ ହିଁ ମହୌଷଧି' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଯକୃତ ଦିବସ

*Desk*

# ପୋଷଣ ପକ୍ଷ ଶୁଭାରମ୍ଭ

ସୁସ୍ଥ ପିଲାମାନେ ହିଁ ସୁସ୍ଥ ଓଡ଼ିଶା ଗଠନ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ରାଜ୍ୟସ୍ତରୀୟ ପୋଷଣ ପକ୍ଷ ପାଳନ ସମାରୋହକୁ ଆଜି ଶୁଭାରମ୍ଭ କରି ଶ୍ରୀ ମାଝୀ କହିଛନ୍ତି, ବର୍ତ୍ତମାନ ସମୟରେ ପିଲାମାନଙ୍କ ମଧ୍ୟରେ ମେଦବହୁଳତା ମୁଖ୍ୟ ସମସ୍ୟା ଭାବେ ଦେଖାଦେଇଛି। ଏ ନେଇ ନିୟମିତ ଶାରୀରିକ ବ୍ୟାୟାମ ଓ ଖେଳକୁଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପିଲାମାନଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦାନ ପାଇଁ ସରକାର ଓଡ଼ିଶା ପୁଷ୍ଟି ମିଶନରେ ୧୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଆରମ୍ଭ କରାଯାଇଥିବା ପୋଷଣ ଅଭିଯାନରେ ଓଡ଼ିଶା ୨୮୪ କୋଟି ଟଙ୍କା ଅନୁଦାନ ମିଳିଛି ବୋଲି ଶ୍ରୀ ମାଝୀ କହିଛନ୍ତି।

**- V/O -**

ମୁଖ୍ୟମନ୍ତ୍ରୀ ଆଜି ନୂତନ ପ୍ରଶିକ୍ଷାର୍ଥୀ ନିବାସ, ତାଲିମ ଗୃହ ଏବଂ ପାଠାଗାରର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନୀ ଏବଂ ଅଦରକାରୀ ବସ୍ତୁରୁ ତିଆରି ଖେଳନା ପ୍ରଦର୍ଶନୀ ଆୟୋଜନ କରାଯାଇଛି।

*Desk*

# ପ୍ରମୋଦ ମିଶ୍ରଙ୍କ ଓଡ଼ିଶା ଗସ୍ତ

ଭାରତ ଇଲେକ୍‌ଟ୍ରୋନିକ୍ସ, ଫାର୍ମା ଓ ଲଜିଷ୍ଟିକ୍ କ୍ଷେତ୍ରରେ ଦ୍ରୁତଗତିରେ ଆଗକୁ ବଢୁଛି। ଦେଶ ବିଶ୍ୱସ୍ତରରେ ନବସୃଜନର ପେଣ୍ଠସ୍ଥଳୀ ହେବା ସହ ଷ୍ଟାର୍ଟ-ଅପ୍ କ୍ଷେତ୍ରରେ ତୃତୀୟ ବୃହତ ଦେଶ ଭାବେ ଉଭା ହୋଇଛି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର କହିଛନ୍ତି। ସମ୍ବଲପୁରସ୍ଥିତ ଭାରତୀୟ ପ୍ରବନ୍ଧନ ସଂସ୍ଥାନ-ଆଇ.ଆଇ.ଏମ୍’ର ନବମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡକ୍ଟର ମିଶ୍ର କହିଛନ୍ତି, ଆଇଆଇଏମ୍ ସମ୍ବଲପୁର ପଶ୍ଚିମ ଓଡ଼ିଶାର ବୁଣାକାରମାନଙ୍କୁ  ନୂଆ ଦିଗ ଦେଖାଉଛି।

ସମାବର୍ତ୍ତନ ଉତ୍ସବରେ ୬ ଜଣଙ୍କୁ ପି.ଏଚ୍.ଡି., ୩୧୩ ଜଣଙ୍କୁ ଏମ୍.ବି.ଏ. ଡିଗ୍ରୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଆଇ.ଆଇ.ଏମ୍. ବୋର୍ଡ ଗଭର୍ଣ୍ଣିଂ ବଡି’ର ଅଧ୍ୟକ୍ଷା ପଦ୍ମଶ୍ରୀ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ, ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ।

*Desk*

# ଜେଇଇ-ମେନ୍

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ପକ୍ଷରୁ ଆଜି ଜେଇଇ-ମେନ୍-୨୦୨୫ ଦ୍ୱିତୀୟ ସେସନର ପରୀକ୍ଷା ଫଳ ପ୍ରକାଶ ପାଇଛି। ଛାତ୍ରଛାତ୍ରୀମାନେ jeemain.nta.nic.in ୱେବସାଇଟ୍‌କୁ ଯାଇ ନିଜର

ପରୀକ୍ଷା ଫଳ ଦେଖିପାରିବେ ବୋଲି ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି । ଏନ୍.ଟି.ଏ. ଦ୍ୱାରା ଆୟୋଜିତ ଏହି ପରୀକ୍ଷାରେ ୨୪ ଜଣ ଛାତ୍ରଛାତ୍ରୀ ୧୦୦ ପରସେଣ୍ଟାଇଲ ରଖି ଶୀର୍ଷ ସ୍ଥାନ ହାସଲ କରିଛନ୍ତି । ସୂଚନାଯୋଗ୍ୟ, ଜେ.ଇ.ଇ. ମେନ୍ସ ଦ୍ୱିତୀୟ ସେସନ୍‌ରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ସେସନ୍‌ରେ ୧୨ ଲକ୍ଷ ୫୮ ହଜାର ଜଣ ପରୀକ୍ଷା ଦେଇଥିଲେ ।

***Desk***

# ୟୁପିଆଇ-ଜିଏସ୍‌ଟି

୨ ହଜାର ଟଙ୍କାରୁ ଅଧିକ ମୂଲ୍ୟର ୟୁପିଆଇ କାରବାର ଉପରେ ଜିଏସ୍‌ଟି ଲାଗୁ ହେବ ନାହିଁ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଲୋକମାନେ ବ୍ୟବସାୟୀଙ୍କୁ ଦେଉଥିବା ୟୁପିଆଇ ପେମେଣ୍ଟ ଉପରୁ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ ରେଟ୍ - ଏମ୍‌ଡିଆର୍ ୨୦୨୦ ମସିହା ଜାନୁଆରୀ ମାସରୁ ହଟାଇ ଦିଆଯାଇଥିବାରୁ ୟୁପିଆଇ କାରବାର ଉପରେ ଜିଏସ୍‌ଟି ଲାଗୁ ହେଉନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

***Desk***

# ବିଶ୍ୱ ଯକୃତ ଦିବସ

ଯକୃତର ଉପଯୁକ୍ତ ଯତ୍ନ ନେବା ଏବଂ ଏହାର ସମସ୍ୟା ବିଷୟରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଯକୃତ ଦିବସ

ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଖାଦ୍ୟ ହିଁ ମହୌଷଧି' ।

ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା ଖାଇବା ତେଲ ସେବନକୁ ଅତି କମ୍‌ରେ ୧୦ ପ୍ରତିଶତ ହ୍ରାସ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । ବିଶ୍ୱ ଯକୃତ ଦିବସ ଅବସରରେ ସୁସ୍ଥ ଜୀବନଶୈଳୀ ଆପଣେଇବା ନେଇ ଶପଥଗ୍ରହଣ କରିବାକୁ ସେ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନଡ୍ଡା କହିଛନ୍ତି, ଜୀବନଶୈଳୀ ଏବଂ ଖାଦ୍ୟ ଗ୍ରହଣରେ ଛୋଟଛୋଟ ପରିବର୍ତ୍ତନ କରାଗଲେ ଏହାର ଗୁରୁତ୍ୱପୂର୍ଣ୍ଣ ଫଳାଫଳ ମିଳିଥାଏ । ଏହି ପୋଷ୍ଟ୍‌ର ପ୍ରତ୍ୟୁତ୍ତରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ତୈଳ ବ୍ୟବହାର ହ୍ରାସ କରିବା ଭଳି ସରଳ ପଦକ୍ଷେପ ସୁସ୍ଥ ଜୀବନଶୈଳୀ କ୍ଷେତ୍ରରେ ଯଥେଷ୍ଟ ପ୍ରଭାବ ପକାଇବ ବୋଲି ଆଶାବ୍ୟକ୍ତ କରିଛନ୍ତି । ମେଦବହୁଳତାର କାରଣ ଏବଂ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ।

ହେପାଟାଇଟିସ୍-ବି ଏବଂ ସି ଓ ଫ୍ୟାଟି ଲିଭର୍ ଭଳି ସମସ୍ୟା ଜନିତ ରୋଗୀ ଭାରତରେ ବହୁ ସଂଖ୍ୟାରେ ଦେଖା ଦେଇଥାନ୍ତି । ସମୟ ଅନୁସାରେ ଉପଯୁକ୍ତ ଚିକିତ୍ସା, ନିୟମିତ ବ୍ୟାୟାମ, ମାଦକ ଦ୍ରବ୍ୟ ସେବନଠାରୁ ଦୂରେଇ ରହିବା ଏବଂ ସନ୍ତୁଳିତ ଆହାର ସେବନ ଦ୍ୱାରା

ଯକୃତକୁ ସୁସ୍ଥ ରଖାଯାଇ ପାରିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି ।

***Desk***

## ନିଃଶୁଳ୍କ ଫାଇବ୍ରୋସ୍କାନ ସେବା

କଟକ ଶ୍ରୀ ରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ନିଃଶୁଳ୍କ ଫାଇବ୍ରୋସ୍କାନ ସେବା ଉପଲବ୍ଧ ହୋଇଛି । ବର୍ହିବିଭାଗରେ ଏହି ସୁବିଧା ମିଳିପାରୁଛି । ସମ୍ପୂର୍ଣ୍ଣ ମାଗଣାରେ ମାସର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମଙ୍ଗଳବାର ଦିନ ଭେଷଜ ବର୍ହି ବିଭାଗରେ ଏହି ସେବା ଯୋଗାଇ ଦିଆଯାଉଛି । ଫାଇବ୍ରୋସ୍କାନ ମାଧ୍ୟମରେ ଜଣ୍ଡିସ ବ୍ୟତୀତ ଲିଭର ସିରୋସିସ୍ ଓ ଲିଭର କ୍ୟାନସର ଭଳି ରୋଗର ଚିହ୍ନଟ ସହ ଉପଯୁକ୍ତ ଚିକିତ୍ସା ପଦ୍ଧତି ନିର୍ଣ୍ଣୟ କରାଯାଇଥାଏ ।

***Desk***

## ବିଜେଡି ସଭାପତି ପଦ

ବିଜୁ ଜନତା ଦଳର ସାଂଗଠିକ ନିର୍ବାଚନରେ ନବୀନ ପଟ୍ଟନାୟକ ନବମ ଥର ପାଇଁ ନିଦ୍ୱର୍ନ୍ଦ୍ୱରେ ରାଜ୍ୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଏ ନେଇ ଦଳର ନିର୍ବାଚନ ଅଧିକାରୀ ପ୍ରତାପ ଦେବ ଘୋଷଣା କରିଛନ୍ତି । ଏହାପରେ ବାକି ଥିବା ୧୫ଟି ସାଂଗଠନିକ ଜିଲ୍ଲା ସଭାପତି, ରାଜ୍ୟ କାର୍ଯ୍ୟକାରିଣୀ କମିଟି ଏବଂ ବ୍ଲକ ଓ ନଗର ସଭାପତିଙ୍କ ନାମ ଘୋଷଣା ହେବ । ସୂଚନାଯୋଗ୍ୟ, ଗତ ୧୭ ତାରିଖ ଦିନ ବିଜେଡିର

ମୁଖ୍ୟାଳୟ ଭୁବନେଶ୍ୱରସ୍ଥିତ ଶଂଖ ଭବନରେ ଏକମାତ୍ର ପ୍ରାର୍ଥୀ ଭାବେ ନବୀନ ପଟ୍ଟନାୟକ ତାଙ୍କର ନାମାଙ୍କନପତ୍ର ଦାଖଲ କରିଥିଲେ।

**BHK**

## ସକ୍ରିୟ ସଦସ୍ୟ ସମ୍ମିଳନୀ

ଭଦ୍ରକ ଜିଲ୍ଲା ବୟାଙ୍ଗ ଦିହି ପଞ୍ଚାୟତ ମେଳଣ ପଡ଼ିଆରେ ଧାମନଗର ଭାରତୀୟ ଜନତା ପାର୍ଟି ପକ୍ଷରୁ ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକାଭିମୁଖୀ କରିବା ପାଇଁ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

***Boudh***

## ଜନସମ୍ପର୍କ ଶିବିର

ବୌଦ୍ଧ ଜିଲ୍ଲା ମାଳତୀ ଗୋଚ୍ଛାପଡ଼ା ଗ୍ରାମରେ ଜିଲ୍ଲା ପୁଲିସର ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ ଯୋଗଦେଇ ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତି ଏବଂ ବିଭିନ୍ନ ପ୍ରସଙ୍ଗରେ ଜନସାଧାରଣଙ୍କ ସହ ଆଲୋଚନା କରିଛନ୍ତି। ଜିଲ୍ଲାକୁ ନିଶାମୁକ୍ତ କରିବା ସହ ପୁଲିସକୁ ସହାୟତା କରିବା ପାଇଁ ଶିବିରରେ ଆରକ୍ଷୀ ଅଧୀକ୍ଷକ' ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଛନ୍ତି। ଏହି ଅବସରରେ ଶିଶୁଙ୍କୁ ପାଠ୍ୟପୁସ୍ତକ, ଖେଳ ସାମଗ୍ରୀ ବଣ୍ଟନ ସହ ଗ୍ରାମବାସୀଙ୍କ ମଧ୍ୟରେ କ୍ରିକେଟ, ଭଲିବଲ ପ୍ରତିଯୋଗିତା କରାଯାଇଥିଲା।

*Desk*

## ବରିଷ୍ଠ ସାମ୍ବାଦିକଙ୍କ ପରଲୋକ

ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ୭୦ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଛି। ଶ୍ରୀ ମହାନ୍ତିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରିଛନ୍ତି।

*Sonepur*

## ପ୍ରବନ୍ଧ ଲିଖନ ପ୍ରତିଯୋଗିତା

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଓଡ଼ିଆ ଭାଷା ଓ ଲିପିର ସମୃଦ୍ଧି ପାଇଁ ଓଡ଼ିଆ ସପ୍ତାହ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଶାସନିକ କାର୍ଯ୍ୟରେ ଓଡ଼ିଆ ଭାଷାର ପ୍ରଚଳନ ସମାଜ ବିକାଶରେ ଗୁରୁତ୍ୱ ରଖେ ବୋଲି ମତବ୍ୟକ୍ତ କରିଥିଲେ।

*Desk*

# ସୁପର କପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆସନ୍ତାକାଲିଠାରୁ ମେ’ ୩ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ

ସଂସ୍କରଣ ଖେଳାଯିବ । ସର୍ବଭାରତୀୟ ଫୁଟବଲ ମହାସଂଘ, ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶାର ମିଳିତ ସହଯୋଗରେ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୫ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଏହି ପ୍ରତିଯୋଗିତାରେ ମୋହନ ବାଗାନ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି ।

***Desk***

## ହ୍ୟାଣ୍ଡବଲ୍ ପ୍ରତିଯୋଗିତା

ଉତ୍ତରପ୍ରଦେଶର ଆକବରପୁରରେ ଆସନ୍ତାକାଲିଠାରୁ ଚଳିତ ମାସ ୨୪ ତାରିଖ ପର୍ଯ୍ୟନ୍ତ ୪୭ ତମ ଜାତୀୟ ଜୁନିୟର ବାଳକ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଅଧିନାୟକ ଗୌରୀଶଙ୍କର ଜେନାଙ୍କ ନେତୃତ୍ୱରେ ଓଡ଼ିଶାର ୧୮ ଜଣିଆ ଦଳ ଉତ୍ତରପ୍ରଦେଶ ଯାତ୍ରା କରିଛନ୍ତି। ସୂଚନାଯୋଗ୍ୟ, ପ୍ରତିଯୋଗିତା ପାଇଁ ମାର୍ଚ୍ଚ ପହିଲାରୁ ପୁରୀ ଓ କେନ୍ଦୁଝରରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା।

***Desk***

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି କଟକ, ଖୋର୍ଦ୍ଧା ସମେତ ୧୫ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

# ଆୟୁଷ୍ମାନ କାର୍ଡ ବଣ୍ଟନ

ଗଞ୍ଜାମ ଜିଲ୍ଲା ନିମିନାଠାରେ ହିତାଧିକାରୀମାନଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଛି । କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ନୂତନ ସ୍ୱାସ୍ଥ୍ୟବୀମା ଯୋଜନାରେ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଏବଂ ବୟବନ୍ଦନା ଯୋଜନାର

ହିତାଧିକାରୀମାନଙ୍କୁ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଆୟୁଷ୍ମାନ କାର୍ଡ ବଣ୍ଟନ କରିଥିଲେ ।

******************************